## ମହିଳାଙ୍କ ମୃତଦେହ ଜବତ

ମୋରଡ଼ା,(ସ୍ୱାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତ ମହିଳା ଜଣକ ହେଲେ ଜୁଆଳିଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର କାଳୀ ନାଏକ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୦/୨୩) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

## ସଂକ୍ଷେପରେ

### ଦୁର୍ଘଟଣାରେ ବୃଦ୍ଧ ସମେତ ୪ ଗୁରୁତର

ବାହାନଗା, ୫।୭(ଅରୂପ କୁମାର ଦାସ)- ବାହାନଗା ବ୍ଲକ ତାଳକୁରୁଣିଆଁ ଗ୍ରାମର ସଲ୍ଟରୋଡରେ ଏକ ବସ୍ ଅଟୋକୁ ଧକ୍କା ଦେବାରୁ ଅଟୋ ଯୋଗେ ମେଡିକାଲରୁ ଫେରୁଥିବା ବୃଦ୍ଧଙ୍କ ସମେତ ତାଙ୍କର ଦୁଇ ପୁଅ ଓ ଜଣେ ଅଟୋ ଡ୍ରାଇଭର ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକ ପ୍ରଥମେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରୁ ଡାକ୍ତର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି।

ସୋର ବ୍ଲକର ଗୁଡୁ ଗ୍ରାମର ବାଳକୃଷ୍ଣ ନାୟକ(୮୦) ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରୁ ଡିସ୍‌ଚାର୍ଜ ହେବା ପରେ ଅଟୋ ଯୋଗେ ଘରକୁ ଫେରୁଥିଲେ। ତାଙ୍କ ସହ ଦୁଇ ପୁଅ ଅନନ୍ତ ପ୍ରସାଦ ନାୟକ(୪୦), ଯଶବନ୍ତ ନାୟକ(୨୮) ଥିଲେ। ସଲ୍ଟ ରୋଡରେ ବସ୍ ସହ ଧକ୍କା ହେବାରୁ ବାଳକୃଷ୍ଣଙ୍କ ସମେତ ୨ ପୁଅ ଓ ଅଟୋ ଡ୍ରାଇଭର ପାତ୍ରପଡା ଗ୍ରାମର ପ୍ରଶାନ୍ତ ମଣ୍ଡଳ ଗୁରୁତର ହୋଇଛନ୍ତି। ଗୋପାଳପୁର ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଥାନାରେ ଆଣି ରଖିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ନାବାଳକ ଗୁରୁତର

ଯୋଡ଼ା,୫।୭(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରର ୧୦ନଂ. ୱାର୍ଡ ମାଝୀ ହଟିଂଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ନାବାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ହଟିଂ ନିକଟ ଶ୍ମଶାନରେ ଥିବା ବିଦ୍ୟୁତ୍ ଖୁଣ୍ଟର ତାର ଛିଣ୍ଡି ନାବାଳକଙ୍କ ହାତରେ ପଡ଼ିଥିଲା। ଫଳରେ ନାବାଳକଙ୍କ ହାତ ପାପୁଲିଟି ପୋଡ଼ି ଯାଇଛି। ଏ ସମ୍ପର୍କରେ ଯୋଡ଼ା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଦିବ୍ୟରଞ୍ଜନ ସାହୁ କହିଛନ୍ତି, ବିଦ୍ୟୁତ୍ ତାର ଚୋରି କରିବା ପାଇଁ ଚୋରମାନେ ତାର କାଟିବା ଉଦ୍ୟମ କରୁଥିବା ବେଳେ ଏହି ଘଟଣା ଘଟିଛି।

### ଭାଜପାର ଜନସମ୍ପର୍କ ପଦଯାତ୍ରା

ଗୋପବନ୍ଧୁ ନଗର,୫।୭(ଶାନ୍ତନୁ କୁମାର ମଙ୍ଗୁଆଲ)- କେନ୍ଦ୍ର ମୋଦି ସରକାରଙ୍କ ଶାସନର ୯ବର୍ଷ ପୂର୍ତ୍ତି ପାଳନ ଅବସରରେ ଗୋପବନ୍ଧୁ ନଗର ବ୍ଲକ ୧୫ନଂ. ଜୋନ କୁଆମରା ମଣ୍ଡଳର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଭାଜପା ନେତା ଓ କର୍ମୀମାନେ ଘରକୁ ଘର ବୁଲି ମୋଦି ସରକାରଙ୍କ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଜନ ସମ୍ପର୍କ ସୃଷ୍ଟି କରି ବିଭିନ୍ନ ବିକାଶ ମୂଳକ ଯୋଜନାର ପ୍ରଚାରପତ୍ର ବାଣ୍ଟିଛନ୍ତି। ଏହି ପଦଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦି, ପ୍ରଭାରୀ ଆଦର୍ଶ ଜେନା, ଜିଲା ସାଧାରଣ ସମ୍ପାଦକ ପ୍ରାଣକୃଷ୍ଣ ବେରା, ଜିଲା ସମ୍ପାଦିକା ମମତା ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ଶକ୍ତିପଦ ଲେଙ୍କା, ମଣ୍ଡଳ ଏସ୍‌ଟି ମୋର୍ଚ୍ଚା ସଭାପତି ଭଗବାନ ସିଂ, ବରିଷ୍ଠ ନେତା କମଳ କୁମାର ଧଳ, ନୀଳମଣି ମହାପାତ୍ର, ରଣଜିତ ସାହୁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇ ଆରପଟା,କୁଆମରା, ପୁରୁଣା ବାରିପଦା,ଜୟପୁର,ବରଡ଼ିହି ଓ ସାଇଁକୁଳା ପ୍ରଭୃତି ପଞ୍ଚାୟତରେ ଘରକୁ ଘର ବୁଲିଥିଲେ।

# ଖାଁ ଖାଁ ପ୍ରାଣୀ ଚିକିତ୍ସାଳୟ

■ଅସହାୟ ଗୋପାଳକ
■ନୂଆ ନିଯୁକ୍ତିରେ ଖଇରାର ନାଁ ନାହିଁ

ଖଇରା,୫।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ୬ମାସ ହେଲା ଡାକ୍ତରଶୂନ୍ୟ। ଏଠାରେ ୪ଟି ପଦବୀ ଥିବା ବେଳେ ଜଣକ ପରେ ଜଣେ ଏହିଭଳି ଭାବେ ସବୁ ଡାକ୍ତର ୨୨-୨୩ବର୍ଷ ମଧ୍ୟରେ ଅନ୍ୟତ୍ର ଚାଲିଯାଇଛନ୍ତି। ଏଣୁ ଦୈନିକ ଶହ ଶହ ସଂଖ୍ୟାର ଗୋପାଳକ ଆବଶ୍ୟକ ପରାମର୍ଶ ପାଇଁ କେନ୍ଦ୍ରକୁ ଆସି ନିରାଶରେ ଫେରୁଛନ୍ତି। ସେପଟେ ନବନିର୍ମିତ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ହେବାର ୫ବର୍ଷ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ଏପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ହସ୍ତାନ୍ତର କରୁ ନ ଥିବାରୁ ପୁରୁଣା କାର୍ଯ୍ୟାଳୟ ଅସୁରକ୍ଷିତ ଗୃହରେ ଚାଲୁଛି। ରାଜ୍ୟ ସରକାର ଖାଲି ପଡିଥିବା ସ୍ଥାନରେ ୨୦୯ଜଣଙ୍କୁ ପ୍ରାଣୀ ଚିକିତ୍ସକ ନିଯୁକ୍ତି ଦେଇଥିବା ବେଳେ ଖଇରା ନାଁ ନ ଥିବାରୁ ୩୭ ପଞ୍ଚାୟତର ଗୋପାଳକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ପ୍ରଥମେ ସହକାରୀ ପ୍ରାଣୀ ଚିକିତ୍ସକ ଡା. ସୁବାଶିଷ ମହାପାତ୍ର ୨୦୨୨ ଜାନୁୟାରୀରେ ପଦୋନ୍ନତି ପାଇ ଚମ୍ପୁଆ ଚାଲିଯିବା ପରେ ପଦବୀ ଖାଲିପଡ଼ିଥିଲା। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ସବିତା ବେହେରା ଉଚ୍ଚଶିକ୍ଷା ପାଇଁ ଚାଲିଯାଇଥିବା ବେଳେ ୨୦୨୨ ଏପ୍ରିଲରୁ ଏହି ପଦବୀ ଖାଲି ପଡିଛି। ଶେଷ ଡାକ୍ତର ଭାବେ ରଘୁନାଥ ସିଂ ୨୦୨୩ ଜାନୁୟାରୀ ୮ରେ ଉଚ୍ଚଶିକ୍ଷା ପାଇଁ ଚାଲିଯିବା ପରେ କାର୍ଯ୍ୟାଳୟ ଏକପ୍ରକାର ବନ୍ଦ ଅବସ୍ଥାକୁ ଆସିଯାଇଛି। ରେମୁଣା ଓ ଖନ୍ତାପଡ଼ାରୁ ୨ଜଣ ଡାକ୍ତରଙ୍କୁ ଏଠାରେ ୨ଦିନ ଲେଖାଏ ଡେପୁଟେଶନ ଦିଆଯାଇଥିବା



ବେଳେ କେହି କେବେ ତାଙ୍କୁ ଦେଖି ନ ଥିବା ଅଭିଯୋଗ ହୋଇଛି। ଜୁନ ୧୮ରୁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କରୁଥିବା ଗାଡିଟି ବନ୍ଦ ହୋଇପଡିଛି। ୫୦ବର୍ଷ ତଳର ପୁରୁଣା ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ ଗୃହ ଅସୁରକ୍ଷିତ ହୋଇପଡିବା ପରେ ୨୦ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଠିକାଦାରଙ୍କ ମଧ୍ୟରେ ବିବାଦ ଯୋଗୁ ଏପର୍ଯ୍ୟନ୍ତ କାର୍ଯ୍ୟାଳୟ ପୁରୁଣା ଗୃହରୁ ନୂଆଗୃହକୁ ସ୍ଥାନାନ୍ତର ହୋଇପାରୁନାହିଁ। ୧୨ଟି ପ୍ରାଣୀ ସହାୟକ କେନ୍ଦ୍ର ମଧ୍ୟରୁ ୩ଟିରେ କୌଣସି ପ୍ରାଣୀଧନ ନିରୀକ୍ଷକ ନ ଥିବା ଅଭିଯୋଗ ହୋଇଛି। କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସଗୁଡିକରୁ ପାଣି ଗଳୁଥିବାରୁ ମରାମତି କରାଯାଉନାହିଁ। ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ବନମାଳୀ ସାହୁ କହିଛନ୍ତି, ଏ ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି। ଅଳ୍ପଦିନ ମଧ୍ୟରେ ଡାକ୍ତର ଆସିଯିବେ।

# ଫାଇଲେରିଆ ନିରାକରଣ ସମନ୍ୱୟ ବୈଠକ

ଠାକୁରମୁଣ୍ଡା,୫।୭(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ବ୍ଲକ ସଭାଗୃହରେ ବୁଧବାର ଫାଇଲେରିଆ ନିରାକରଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡାଙ୍କ ସଭାପତିତ୍ୱରେ ବିଡିଓ ବାବୁଲ ପେରେଇ,ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା.ଚିତ୍ତରଞ୍ଜନ ନାୟକ ଯୋଗ ଦେଇଥିଲେ। ସମନ୍ୱୟ ବୈଠକରେ ଶିଶୁ ବିକାଶ ଅଧିକାରିଣୀ ପ୍ରେମଲତା ସେଠୀ, ଶିକ୍ଷା ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ସମେତ ଖବରଦାତାମାନେ ଉପସ୍ଥିତ ଥିଲେ। ବୈଠକରେ ଡା. ନାୟକ ଫାଇଲେରିଆ ନିରାକରଣ ନିମନ୍ତେ ଆଗାମୀ ଅଗଷ୍ଟ ୧୦ ତାରିଖ ।ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ ବିଷୟ ଆଲୋଚନା କରିବା ଦ୍ୱାରା ରୋଗ ନିରାକାରଣ ହୋଇପାରିବ ବୋଲି ସୂଚନା ଦେଇଥିଲେ। ବିବିଡିଏସ୍ ଗୋପୀନାଥ ଚମ୍ପିଆ ସାମୂହିକ ଔଷଧ ସେବନ ଅଭିଯାନରେ ବ୍ଲକରେ ୪୮୪ ଜଣ ତାଲିମପ୍ରାପ୍ତ ଆଶା, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀମାନେ ସାମିଲ ହେବା ନେଇ ସୂଚନା ଦେଇଥିଲେ। ଗର୍ଭବତୀ ମହିଳା,୨ ବର୍ଷରୁ କମ ବୟସର ଶିଶୁ ଏହି ଟିକା ଖାଇବାକୁ ବାରଣ କରାଯାଇଛି। ରାଜ୍ୟ ସ୍ତରରୁ ଆସି ବୈଠକରେ ଯୋଗଦେଇ ଥିବା ପରାମର୍ଶଦାତା ଏ.କେ. ମିଶ୍ର, ଦେବକାନ୍ତ ସନ୍ଧିବିଗ୍ରହ, ଅଜିତ ବସନ୍ତରାୟ ଜନ ସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ଆରତୀ ବେହେରା, ବିପିଏମ୍‌ସତ୍ୟବ୍ରତ ଦାସ ଉପସ୍ଥିତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

# ମହାଜନ ସମ୍ପର୍କ ଅଭିଯାନ ସମାବେଶ



ସମାବେଶରେ ଅତିଥିଗଣ।

ବାଲେଶ୍ୱର, ୫।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀ ଅଧୀନ ଲବଣତୀର୍ଥ ମଣ୍ଡଳର ବରୁଣସିଂ ପଞ୍ଚାୟତ ଦୁର୍ଗାମଣ୍ଡପଠାରେ ମୋଦି ସରକାରଙ୍କ ୯ବର୍ଷ ପୂର୍ତ୍ତି ଅବସରରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ମଣ୍ଡଳସ୍ତରୀୟ ମହାଜନ ସମ୍ପର୍କ ଅଭିଯାନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଲବଣତୀର୍ଥ ମଣ୍ଡଳ ସଭାପତି ବିଭୂତି ଭୂଷଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ମୋଦି ସରକାରଙ୍କ ଜନହିତକର କାର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଅତିଥି ଭାବେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ, ରେମୁଣା ନିର୍ବାଚନମଣ୍ଡଳୀ ପ୍ରଭାରୀ ଆଶିଷ ଘୋଷ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁକୁମାର ଦାସ, ଲବଣତୀର୍ଥ ମଣ୍ଡଳ ପ୍ରଭାରୀ ବିପ୍ଳବ ଯାଦବ, ବରୁଣସିଂ ପଞ୍ଚାୟତ ସଭାପତି ନିରଞ୍ଜନ ବେହେରା ଏବଂ ଅନ୍ୟ ସମସ୍ତ ବରିଷ୍ଠ ନେତୃତ୍ୱ ଯୋଗ ଦେଇଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ କମଳାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ନୀଳଗିରି, ୫।୭(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସିଆଡ଼ିମାଳ ପଞ୍ଚାୟତ ଚତରସାହି ଗାଁର ଦିବ୍ୟରଞ୍ଜନ ମେଦିନୀରାୟଙ୍କ ୪ ବର୍ଷର ପୁଅ ଅନିଶ ବୁଧବାର ପୋଖରୀରେ ବୁଡ଼ିଯିବାରୁ ମୃତ୍ୟୁ ହୋଇଛି। ଅନିଶ ନିଜ ବୁଢ଼ୀମା ସହିତ ଘର ବାହାରକୁ ଆସି ଖେଳୁଥିବା ବେଳେ ନିକଟସ୍ଥ ପୋଖରୀରେ ପଡ଼ିଯାଇଥିଲେ। ଏହା ଦେଖି ବୁଢ଼ୀମା' ଡାକ ପକାଇବାରୁ ପରିବାର ଲୋକେ ପହଞ୍ଚି ଅନିଶଙ୍କୁ ଉଦ୍ଧାର କରି ନୀଳଗିରି ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଦୁଇ ଦିନ ପୂର୍ବରୁ ଅନିଶଙ୍କ ଜନ୍ମଦିନ ଆନନ୍ଦର ସହ ପାଳନ ହୋଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଦହପାଣିଆ ଏସ୍‌ଏସ୍‌ଡି ସରକାରୀ ହାଇସ୍କୁଲରେ ଅନିୟମିତତା ଅଭିଯୋଗ

ତିହିଡ଼ି, ୫।୭(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାରୋ ପଞ୍ଚାୟତସ୍ଥିତ ଦହପାଣିଆ ଏସ୍‌ଏସ୍‌ଡି(ଅନୁସୂଚିତ ଜାତି ଜନଜାତି ଉନ୍ନୟନ) ସରକାରୀ ହାଇସ୍କୁଲରେ ଅନିୟମିତତା ହୋଇଥିବା ନେଇ ତିହିଡ଼ି ଟାଉନହଲ୍‌ରେ ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଧାମନଗର ବିଧାୟକଙ୍କ ଶିକ୍ଷା ବିଭାଗ ପ୍ରତିନିଧି ରମାକାନ୍ତ ମଲ୍ଲିକ ଦର୍ଶାଇଛନ୍ତି ଯେ, ସ୍କୁଲରେ ୧୩ବର୍ଷ ହେଲା ଶିକ୍ଷକତା କରୁଥିବା ଜଣେ ଶିକ୍ଷକ ୨୦୨୧-୨୨ରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଥିଲେ। ସେହି ସମୟରେ ସ୍କୁଲକୁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳ ହଡ଼ପ ସହ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ଓ ସାଇକେଲ ଟଙ୍କା ଆତ୍ମସାତ୍ କରାଯାଇଥିଲା। ଏପରିକି ସ୍କୁଲର ଉନ୍ନୟନ ପାଇଁ ଆସିଥିବା ଟଙ୍କା ଆତ୍ମସାତ୍ ସହ ୫-ଟି ଯୋଜନାରେ ମିଳିଥିବା ୧କୋଟି ଟଙ୍କାର ଅନୁଦାନରେ ନିମ୍ନମାନର କାର୍ଯ୍ୟ କରାଯାଇଥିଲା।

ବିଧାୟକଙ୍କ ପ୍ରତିନିଧିଙ୍କ ସମେତ ଜଳଧର ଦାସ, ସାଧୁଚରଣ ମଲ୍ଲିକ, ରଞ୍ଜିତ ମହାଲିକ, ଉପେନ୍ଦ୍ର ମଲ୍ଲିକ, ପଦ୍ମଲୋଚନ ମଲ୍ଲିକ, ଅଶୋକ ମହାଲିକ, ମନୋଜ ମଲ୍ଲିକ, ସୁଶାନ୍ତ ମଲ୍ଲିକ ପ୍ରମୁଖ ଜିଲାପାଳ ଓ ଜିଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ଏହି ଅନିୟମିତତା ସମ୍ପର୍କରେ ଅଭିଯୋଗ କରି ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜଣାଇଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲ୍ଲିକ, ଭାଜପା ନେତା ଦୁର୍ଗାଚରଣ ନାୟକ, ରଘୁନାଥ ପାତ୍ର, ସରପଞ୍ଚ ପ୍ରଦୀପ କୁମାର ବଳ, ଐଶାନ୍ୟଚଣ୍ଡି ମଣ୍ଡଳ ସଭାପତି ପ୍ରମୋଦ ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ରିଟେଲର ସଂଘର ବିକ୍ଷୋଭ

ଭଦ୍ରକ,୫।୭(ସନାତନ ରାଉତ)

ବିଭିନ୍ନ ଦାବି ନେଇ ବୁଧବାର ରିଟେଲର ସଙ୍ଘ ପକ୍ଷରୁ ଭଦ୍ରକ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୨୮ ମାସର ବକେୟା ପ୍ରାପ୍ୟ ପ୍ରଦାନ, ୬ ବର୍ଷର ବକେୟା ଇ ପସ୍ ମେଶିନର ବ୍ୟବହାରିକ ଖର୍ଚ୍ଚ ପ୍ରଦାନ, ଏଲ୍‌ଇଡି ବଲ୍ ବଣ୍ଟନ ଖର୍ଚ୍ଚ ପ୍ରଦାନ, କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ରିଟେଲରଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ଆଦି ବିଭିନ୍ନ ଦାବି ନେଇ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ରିଟେଲରମାନେ ହାତରେ ପ୍ଲାକାର୍ଡ଼ ଓ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କେନ୍ଦ୍ର ସରକାର ସମସ୍ତ ପ୍ରାପ୍ୟ ପ୍ରଦାନ



ବିକ୍ଷୋଭ ପ୍ରଦର୍ଶନ କରୁଥିବା ରିଟେଲର ସଂଘର ସଦସ୍ୟମାନେ।

କରିଥିଲେ ମଧ୍ୟ ରାଜ୍ୟ ସରକାର ପ୍ରାପ୍ୟ ପ୍ରଦାନ କରୁ ନ ଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଦାବି ପୂରଣ ନ ହେଲେ ଆଗକୁ ଖାଉଟି ସାମଗ୍ରୀ ବଣ୍ଟନ ବନ୍ଦ କରାଯିବା ସହ ଜିଲାପାଳଙ୍କ ଅଫିସ ଆଗରେ ରିଟେଲରମାନେ ଆତ୍ମାହୂତି ଦେବେ ବୋଲି ସଂଘର ଜିଲା ସଭାପତି ଜଗବନ୍ଧୁ ଲେଙ୍କା ଚେତାବନୀ ଦେଇଛନ୍ତି।

# ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ

ବିଡିଓଙ୍କଠାରେ ଅଭିଯୋଗ

ଧାମନଗର,୫।୭ (ଦେବେନ୍ଦ୍ର ଆଦିଆ)

ସରକାର ଗରିବ ଲୋକଙ୍କୁ ଆବାସ ଗୃହ ଯୋଗାଇ ଦେଉଛନ୍ତି। ହେଲେ ପ୍ରକୃତ ହିତାଧିକାରୀ ଏହାର ସୁବିଧା ସୁଯୋଗ ପାଇବାରେ ହେରଫେର ହେଉଥିବା ଅଭିଯୋଗ ହୋଇଛି। ଧାମନଗର ବ୍ଲକ ପକ୍ଷରୁ କିଛିଦିନ ତଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନ ପାଇଁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଥିଲା। ମାତ୍ର ଏଥିରେ ବ୍ୟାପକ ତ୍ରୁଟି ଥିବା ଦେଖିବାକୁ ମିଳିଛି। ଅଧିକାଂଶ ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଛନ୍ତି। ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗ୍ୟ କରି ଘର ଦିଆଯିବାକୁ ମସୁଧା ହୋଇଛି। ବହୁ ପଞ୍ଚାୟତରେ ଦୁଇ ମହଲା ବିଶିଷ୍ଟ କୋଠାଘର ଥିବା ଲୋକଙ୍କୁ ଯୋଗ୍ୟ ହିତାଧିକାରୀ ଭାବେ ଦର୍ଶାଯାଇ ତାଲିକାରେ ସ୍ଥାନ ମିଳିଛି। ଚାରି ଚକିଆ ଗାଡ଼ି, ଲକ୍ଷ ଲକ୍ଷ ଟଙ୍କାର କାରବାର ଥିବା ଲୋକଙ୍କୁ ମଧ୍ୟ ଯୋଗ୍ୟ ହିତାଧିକାରୀ କରାଯାଇଛି। ସୋହଡା ପଞ୍ଚାୟତରେ



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆବାସ ଯୋଜନା ବଣ୍ଟନରେ ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ଦୋବଲ ଜୋନର ପୂର୍ବତନ ଜିଲାପରିଷଦ ସଭ୍ୟ ନିରାକାର ତରାଇଙ୍କ ନେତୃତ୍ୱରେ ଦଶରଥ ଜେନା, ଅଶୋକ ମିଶ୍ର, ସତ୍ୟ ପ୍ରକାଶ ନାୟକ, ରାଜେନ୍ଦ୍ର ଦାସ, ଭବାନୀ ସାମଲ, ଭୂପେସ ଜେନା, ଜ୍ଞାନ ପ୍ରକାଶ ନାୟକ, ପ୍ରକାଶ ମହାପାତ୍ର, ଅଜିତ ଦାସ ପ୍ରମୁଖ ଧାମନଗର ବିଡ଼ିଓ ବନବିହାରୀ ଦିଣ୍ଡାଙ୍କୁ ଭେଟି ଏହି ଆବାସ ଯୋଜନାର ହିତାଧିକାରୀ ଚୟନରେ ପ୍ରମାଣ ସହ ଅଭିଯୋଗ କରିଥିଲେ। ଏହି ଘଟଣାର ଉପଯୁକ୍ତ ତଦନ୍ତ କରା ନ ଗଲେ ଆନ୍ଦୋଳନ ପାଇଁ ମଧ୍ୟ ଚେତାବନୀ ଦେଇଥିଲେ। ସେହିପରି ପ୍ରତ୍ୟେକ ପଞ୍ଚାୟତରୁ ମାଳ ମାଳ ଅଭିଯୋଗ ଆସିଥିବା ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, ସୋହଡା ପଞ୍ଚାୟତରେ ଗ୍ରାମ ସଭା ମାଧ୍ୟମରେ ଆବାସ ଯୋଜନା ହିତାଧିକାରୀ ଚୟନ କରାଯାଇ ରିପୋର୍ଟ ପ୍ରଦାନ କରାଯିବା କଥା ମାତ୍ର ତାହା କରାଯାଇ ନାହିଁ। ପରବର୍ତ୍ତୀ ସମୟରେ ବ୍ଲକ ତରଫରୁ ତିନି ଜଣିଆ ଟିମ କରାଯାଇ ପ୍ରକୃତ ହିତାଧୀକାରୀଙ୍କୁ ଆବାସ ଘର ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏବେ ଉକ୍ତ ରିପୋର୍ଟକୁ ହେରଫେର କରା ଯାଇଥିବା ଅଭିଯୋଗ ହୋଇଛି।

# କ୍ଷେତ୍ର ପରିଦର୍ଶନ କଲେ ବିଭାଗୀୟ ଅଧିକାରୀ

ପୁନରୁଦ୍ଧାର ହେବ ପୁରୁଣା ବନ୍ଧ

ଚମ୍ପୁଆ,୫।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ରଜିଆ ପଞ୍ଚାୟତରେ ଥିବା ବହୁ ପୁରାତନ ବନ୍ଧର ପୁନରୁଦ୍ଧାର କରାଯିବ। ବୁଧବାର କ୍ଷୁଦ୍ର ଜଳସେଚନ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ପରେ ଏହାର ପୁନରୁଦ୍ଧାର କରାଯିବ ବୋଲି ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ପଞ୍ଚାୟତ ଅନ୍ତର୍ଗତ ବଣବେଡ଼ା ନୂଆ ବନ୍ଧଟି ଦୀର୍ଘ ୩୫ ବର୍ଷ ତଳୁ ଖୋଳାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣା ଅଭାବରୁ ପୋତିହୋଇ ଜଳାଶୟରୁ ଜମିର ରୂପ ନେଇଥିବା ଦେଖାଯାଇଛି। ବନ୍ଧର ପାଣି ଉପରେ ରଜିଆ, ମହେଶ୍ୱରପୁର, ଦୋଳିତା, କଞ୍ଚନପୁର ଆଦି ଗ୍ରାମର ପ୍ରାୟ ୩୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଚାଷ ପାଇଁ ନିର୍ଭର କରି ଆସୁଥିଲା। ମାତ୍ର ୯୦ ଦଶକରେ ଏହି ବନ୍ଧଟି ପୋତିହୋଇଯାଇଥିଲା। ୫-ଟି ସଚିବଙ୍କ ଚମ୍ପୁଆ ଗସ୍ତ ପରେ ସରପଞ୍ଚ ସନ୍ତୋଷ କୁମାର ନାଏକ ସଚିବଙ୍କୁ ଏ ନେଇ ଅବଗତ କରିଥିଲେ। ଫଳରେ ବିଭାଗୀୟ ଏସ୍‌ଡିଓ ଦିବ୍ୟସିଂହ ପ୍ରଧାନ ଓ ସହକାରୀ ଯନ୍ତ୍ରୀ ଅଜିତ କୁମାର ନାଏକ ବନ୍ଧର ବିଭିନ୍ନ ଦିଗ ପ୍ରତି ଦୃଷ୍ଟିଦେଇ ଏହାର ପୁନରୁଦ୍ଧାର ପାଇଁ ବ୍ୟୟ ଅଟକଳ କରାଯିବ ବୋଲି ସୂଚନା ଦେଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୂର୍ବରୁ ବାରମ୍ବାର କ୍ଷୁଦ୍ର ଜଳସେଚନ ବିଭାଗ ଚମ୍ପୁଆ କାର୍ଯ୍ୟାଳୟରେ ଆବେଦନ କରାଯାଇଥିଲେ ମଧ୍ୟ ଏହାର ଫଳ ମିଳିପାରି ନ ଥିଲା। ବିଭାଗୀୟ ଯନ୍ତ୍ରୀ ଆସୁଥିଲେ ମଧ୍ୟ ଗାଁ ମଝିରେ ଏ ବିଷୟରେ ପଚାରି ଫେରିଯାଉଥିଲେ।



କ୍ଷୁଦ୍ର ଜଳସେଚନ ଅଧିକାରୀମାନେ ପୁରୁଣା ବନ୍ଧ ବୁଲି ଦେଖୁଛନ୍ତି।

# ବେଆଇନ ପାର୍କିଂ ବଢ଼ାଉଛି ଦୁର୍ଘଟଣା

ବନ୍ୟପ୍ରାଣୀ ବି ଅସୁରକ୍ଷିତ, ଚେତୁନି ପ୍ରଶାସନ

କେନ୍ଦୁଝର,୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟାଳୟ ଦେଇ ଯାଇଥିବା ଏନ୍‌ଏଚ ୨୦ ଓ ୪୯ରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ହେଁ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ସରକାର ଦୁର୍ଘଟଣା ରୋକିବା ପାଇଁ ବହୁ ପଦକ୍ଷେପ ନେଉଥିଲେ ହେଁ ଏଠାରେ ସେସବୁ ପଦକ୍ଷେପ କାଗଜପତ୍ର, ସଭା ସମିତିରେ ସିମିତ ରହୁଛି। ବିଶେଷ କରି ରାସ୍ତାର ବିଭିନ୍ନ ସ୍ଥାନରେ ବେଆଇନ ଟ୍ରକ୍ ପାର୍କିଂ ହେଉଥିଲେ ମଧ୍ୟ ହଟାଯାଉନାହିଁ। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟିବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

ସୂଚନା ଅନୁଯାୟୀ, ସଦର ଥାନା ଅନ୍ତର୍ଗତ ଅଞ୍ଜରରୁ ଡଙ୍ଗାପାଣି ରାସ୍ତା ଏବଂ ଶୁଆକାଟି ଫାଣ୍ଡି ସମ୍ମୁଖ ରାସ୍ତାର ଏନ୍‌ଏଚ୍ ୪୯ରେ ବେଆଇନ ଭାବରେ ଟ୍ରକ୍ ପାର୍କିଂ କରାଯାଉଛି। ଏହି ସବୁ ଟ୍ରକ୍ ବିଭିନ୍ନ ଖଣିରୁ ଲୁହାପଥର ଆଣିବା ପାଇଁ ଅପେକ୍ଷା କରିଥାଆନ୍ତି। ଖଣି ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି।



ରାଜପଥ କଡ଼ରେ ଟ୍ରକ୍‌ଗୁଡ଼ିକ ପାର୍କିଂ ହୋଇଛି।

ଫଳରେ ବାହାରୁ ଆସୁଥିବା ଗାଡ଼ି ଯାତାୟାତରେ ଅକଥନୀୟ ଅସୁବିଧା ଭୋଗୁଛନ୍ତି। କେତେକ ଟ୍ରକ୍ ଡିଭାଡର ପାର ହୋଇ ବେଆଇନ ଭାବରେ ରାସ୍ତା ପରିବର୍ତ୍ତନ କରୁଥିବାରୁ ରାସ୍ତା ଭାଙ୍ଗୁଛି। ଅନେକ ଟ୍ରାଫିକ ନିୟମକୁ ଅବମାନନା କରି ଭୁଲ ରାସ୍ତାରେ ଯାତାୟାତ କରୁଛନ୍ତି। ଟ୍ରକ୍ ମାଲିକ ସଂଘ, ଖଣି କର୍ତ୍ତୃପକ୍ଷ ତଥା ପୋଲିସ ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ସେହିପରି କେନ୍ଦୁଝର ସହର ଡାଙ୍ଗରପଡ଼ାରୁ ଜୁଡ଼ିଆ ଘାଟି ରାସ୍ତା କଡ଼ରେ ବହୁ ସଂଖ୍ୟାରେ ଟ୍ରକ ପାର୍କିଂ ଯୋଗୁ ଦୁର୍ଘଟଣା ଓ ଟ୍ରାଫିକ ଜାମର କାରଣ ହେଉଥିଲେ ହେଁ କେହି ପଦକ୍ଷେପ ନେଉନାହାନ୍ତି। ଟ୍ରକ୍ ମାଲିକମାନେ ସଂଘକୁ ଟୋକନ ବାବଦକୁ ଫି ଦେଉଥିଲେ ହେଁ ସଂଘ ପକ୍ଷରୁ ସେମାନଙ୍କ ସୁରକ୍ଷିତ ପାର୍କିଂ ଓ ଯାତାୟାତ ପାଇଁ ପଦକ୍ଷେପ ନିଆଯାଉନାହିଁ। ଏପରିକି ଡ୍ରାଇଭରମାନଙ୍କ ବିଶ୍ରାମ, ଖାଦ୍ୟପାନୀୟର ବ୍ୟବସ୍ଥା ମଧ୍ୟ କରାଯାଉନାହିଁ। ଏଭଳି ଅବ୍ୟବସ୍ଥା ଦେଖାଦେଉଛି ବୋଲି ପୂର୍ବତନ ସଂଘ ସମ୍ପାଦକ ପ୍ରଦୀପ ବାରିକ କହିଛନ୍ତି। କେବଳ ଦୁର୍ଘଟଣା ନୁହେଁ ଏହି ରାସ୍ତା ପାର ହୋଇ ଚଳପ୍ରଚଳ କରୁଥିବା ହାତୀପଲ ମଧ୍ୟ ବିପଦର ସମ୍ମୁଖୀନ ହେଉଛନ୍ତି। ହାତୀ ଚଲାପଥ ବୋର୍ଡ ମାରି ବନ ବିଭାଗ ଦାୟିତ୍ୱ ଶେଷ କରିଦେଇଛି। ଚଲାପଥ ନିକଟରେ ଗାଡ଼ି ପାର୍କିଂ ବେଆଇନ, ଫାଇନ ବ୍ୟବସ୍ଥା ଥିଲେ ହେଁ ବନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବନ୍ୟପ୍ରାଣୀ ପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ କହିଛନ୍ତି, ଟ୍ରକ୍ ମାଲିକ ଓ ଖଣି ସଂସ୍ଥା ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ। ଖଣି ସଂସ୍ଥା ପକ୍ଷରୁ ଜିଲା ପ୍ରଶାସନ ସହାୟତାରେ ସ୍ଥାୟୀ ପାର୍କିଂ ବ୍ୟବସ୍ଥା କରାଗଲେ ଏହାର ସମାଧାନ ହୋଇ ପାରିବ ବୋଲି ଟ୍ରକ ମାଲିକ ସୁବ୍ରତ ମହାନ୍ତି କହିଛନ୍ତି।

## ରାଜପଥ କଡ଼ରେ ଚାରା ରୋପଣ ଦାବି

କେନ୍ଦୁଝର,୫।୭(ଦୀପକ ମିଶ୍ର): କେନ୍ଦୁଝର ଦେଇ ଯାଇଥିବା ଜାତୀୟ ରାଜପଥ ୨୦ ନଂ. ପାଣିକୋଇଲିଠାରୁ ରାଜାମୁଣ୍ଡା ଏବଂ ଜାତୀୟ ରାଜପଥ ୪୯ ନଂ. ତୁରମୁଙ୍ଗାଠାରୁ-ବିଞ୍ଝବାହାଲ ପର୍ଯ୍ୟନ୍ତ ୪ ଲେନ ହେବା ସମୟରେ ଉଭୟ ପାର୍ଶ୍ୱରେ ଥିବା ପୁରୁଣା ଫଳନ୍ତି ଗଛ ସହ ଶାଳ, ଶାଗୁଆନ, ନିମ୍ବ, ଧଉରା, ପିଆଶାଳ, ଶାଗୁଆନ, ତେନ୍ତୁଳି ଇତ୍ୟାଦି ଗଛ କଟାଯାଇଥିଲା। ବନ ବିଭାଗ ତଥ୍ୟ ଅନୁସାରେ, ଜାତୀୟ ରାଜପଥ ୨୦ ନଂ. ରାସ୍ତା ସମ୍ପ୍ରସାରଣ ସମୟରେ ଜଙ୍ଗଲ କିସମ ଜମିରୁ ୪୬୪୯୫ଟି ଗଛ, ଅଣ ଜଙ୍ଗଲ ଜମି ଓ ବେସରକାରୀ ଜମିରୁ ପ୍ରାୟ ୫୦ହଜାର ଗଛ କଟାଯାଇଛି। ସେହିପରି ଜାତୀୟ ରାଜପଥ ୪୯ ସମ୍ପ୍ରସାରଣ ପାଇଁ ଜଙ୍ଗଲ ଜମିରୁ ୬୫୨୯୮ ଗଛ ଏବଂ ଅଣ ଜଙ୍ଗଲ ଜମିରୁ ୬୦ହଜାର ଗଛ କଟାଯାଇଛି। ଉଭୟ ପାର୍ଶ୍ୱରେ ଗଛ କଟାଯିବା ପରେ ଲୋକମାନେ ନାହିଁ ନଥିବା ଅସୁବିଧାରେ ପଡୁଛନ୍ତି। କାର୍ଯ୍ୟ ଶେଷ ହେବା ପରେ ବୃକ୍ଷରୋପଣ ଏବଂ ନୂତନ ସବୁଜିମା ସୃଷ୍ଟି ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ସ୍ୱତନ୍ତ୍ର ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ବ୍ୟାପକ ବୃକ୍ଷରୋପଣ ସହିତ ପ୍ରକୃତିର ସୁରକ୍ଷା ନିମନ୍ତେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ପରିବେଶବିତ୍ ବିମ୍ବାଧର ବେହେରା ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୬ ଜୁଲାଇ, ୨୦୨୩



## କାର୍ଯ୍ୟରେ ଯୋଗଦେଲେ ନୂତନ ଏସ୍‌ଡିଏମ୍‌ଓ

ରାଇରଙ୍ଗପୁର,( ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍‌ଡିଭିଜନାଲ ହସ୍ପିଟାଲରେ ପ୍ରାୟ ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଏସ୍‌ଡିଏମଓ ପଦବୀ ଖାଲି ପଡ଼ିଥିଲା। ମଙ୍ଗଳବାର ଏହି ପଦବୀରେ ଡା. ରବୀନ୍ଦ୍ର ନାଥ ମାରାଣ୍ଡି ଯୋଗ ଦେଇଛନ୍ତି। ଏହି ଅବସରରେ ତାଙ୍କୁ ଡାକ୍ତରଖାନାର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଡା.ମାରାଣ୍ଡି ଏହା ପୂର୍ବରୁ ଦେବଗଡ଼ ଜିଲାରେ କାର୍ଯ୍ୟରତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ

ଯୋଡ଼ା,୫।୭(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ତାରିଣୀ ହଟିଂଠାରେ ଜଣେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତକ ଅନାମ ଗୋପଙ୍କ ସ୍ତ୍ରୀ ଗିତା ଗୋପ। ଅନାମ ତାରିଣୀ ହଟିଂଠାରେ ରହି ଡ୍ରାଇଭର ଭାବେ କାମ କରନ୍ତି। ତାଙ୍କ ସ୍ତ୍ରୀଙ୍କ ବୁଧବାର କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ, ଘଟଣାର ତଦନ୍ତ ଚାଲିଥିବା ଯୋଡ଼ା ଥାନା ଆଇଆଇସି ଜୟ ନାରାୟଣ ଖଣ୍ଡେଇ ସୂଚନା ଦେଇଛନ୍ତି।

### ଟ୍ରକ୍ ପଛପଟୁ ପିଟିଲା ବାଇକ୍, ଚାଳକ ମୃତ

ସିମୁଳିଆ, ୫।୭(ସନ୍ତୋଷ ନାୟକ)- ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ୩କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ମଞ୍ଜୁରୀପୁର ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଶାନ୍ତ କୁମାର ସାହୁ(୩୮) ଓ ତାଙ୍କ ଘର ସ୍ଥାନୀୟ ରିଆ ଅଞ୍ଚଳରେ। ସୁଶାନ୍ତ ନିଜ ବାଇକ୍ ଯୋଗେ ଭଦ୍ରକରୁ ଘରକୁ ଫେରୁଥିବା ବେଳେ ମଞ୍ଜରୀପୁର ନିକଟରେ ଭାରସାମ୍ୟ ହରାଇ ରାସ୍ତାରେ ଅଟକିଥିବା ଟ୍ରକ୍ (ନଂ. ଏଚ୍‌ଆର୍‌୩୮-୫୩୨୬) ପଛପଟୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ସୁଶାନ୍ତଙ୍କୁ ଉଦ୍ଧାର କରାଯାଇ ଭଦ୍ରକ ମେଡିକାଲକୁ ପଠାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### କୋଟପା ଚଢ଼ାଉ, ଜରିମାନା ଆଦାୟ

ଭଦ୍ରକ, ୫।୭(ସନାତନ ରାଉତ)- ଭଦ୍ରକ କଲେଜ ରୋଡ଼ରେ ବୁଧବାର କୋଟପା ଧରପଗଡ଼ କରାଯାଇଥିଲା। ଟାଉନ ଥାନା ଏସ୍‌ଆଇ ଗୁରୁବାରୀ ସାଏ ଓ କର୍ମଚାରୀମାନଙ୍କ ସହ ଅବକାରୀ ସବ୍‌ଇନ୍ସପେକ୍ଟର ରବି ବେହେରା ୧୮ ଦୋକାନରେ ଚଢ଼ାଉ କରି ବେଆଇନ ଗୁଟ୍‌ଖା ଓ ତମାଖୁ ଜାତୀୟ ଦ୍ରବ୍ୟ ଜବତ କରିବା ସହ ୩ ହଜାର ୫ ଶହ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏପିଡେମିଲୋଜିଷ୍ଟ ଡ. କାଶୀନାଥ ପଣ୍ଡା, ଖାଦ୍ୟ ନିରପତା ଅଧିକାରୀ ବିଭୁଦତ ଦାସ, ଅଣସଂକ୍ରାମକ ରୋଗର ଜିଲା ସଂଯୋଜକ ଦୀପକ ରାଉତ ପ୍ରମୁଖ ସାମିଲ ଥିଲେ।

### ଭାଜପାର ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ

ହାଟଡ଼ିହୀ,୫।୭(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଭାଜପା ପକ୍ଷରୁ ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ ହାଟଡ଼ିହୀ ବ୍ଲକ୍ ଛେନାପଦୀ ଶ୍ରୀକୃଷ୍ଣ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀର ୮ ସାଙ୍ଗଠନିକ ମଣ୍ଡଳରୁ ୩୭୯ ଜଣ ମୋର୍ଚ୍ଚା ପଦାଧିକାରୀ ଯୋଗଦେଇଥିଲେ। ଭାଜପାର ମହିଳା ମୋର୍ଚ୍ଚା, ଯୁବ ମୋର୍ଚ୍ଚା, କୃଷକ ମୋର୍ଚ୍ଚା, ଅନୁସୂଚିତ ଜାତି ଏବଂ ଜନଜାତି ମୋର୍ଚ୍ଚା, ପଛୁଆ ବର୍ଗ ମୋର୍ଚ୍ଚାର ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଆନନ୍ଦପୁର ଭାଜପା ନେତା ଆଲୋକ ସେଠୀଙ୍କ ନେତୃତ୍ୱରେ ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ, ନମାମି ଗଙ୍ଗେର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁ, ଜ୍ଞାନରଞ୍ଜନ ସାମନ୍ତ ସିଂହାର, ରାମଚନ୍ଦ୍ର ସାହୁ, ଶମ୍ଭୁନାଥ ରାଉତ, ହେମନ୍ତ ମଲ୍ଲିକ, ଅସୀମା ମିଶ୍ର, ଦୀପ୍ତି ସାହୁ, ତୃପ୍ତିମୟୀ ଜେନା, ଦୀପ୍ତିମୟୀ ଖୁଣ୍ଟିଆ, ଯଜ୍ଞ ପ୍ରସାଦ, ନିର୍ମଳ ଦେହୁରୀ ପ୍ରମୁଖ ଯୋଗଦେଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ହରମୋହନ ଶାସିନୀ, ଶଶିକାନ୍ତ ରାଉତ, ବଳଭଦ୍ର ବାରିକ, ଅନାଦି ସାହୁ, ହେମନ୍ତ ମହାନ୍ତ, ପ୍ରଶାନ୍ତ ମହାପାତ୍ରଙ୍କ ଯୋଗଦେଇଥିଲେ।

# ବେଆଇନ ବାଲି ପରିବହନକୁ ନେଇ ଉତ୍ତେଜନା

## ୩ ରାଜସ୍ୱ ନିରୀକ୍ଷକ ୮ଘଣ୍ଟା ଅଟକ

ବାରିପଦା,୫।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ତହସିଲ ଅଧୀନ ଜାମଦାପାଳସ୍ଥିତ ବୁଢ଼ାବଳଙ୍ଗ ନଦୀରୁ ବେଆଇନ ବାଲି ପରିବହନ କରୁଥିବା ଟ୍ରାକ୍ଟର ଜବତକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଉତ୍ୟକ୍ତ ଲୋକେ ୩ ରାଜସ୍ୱ ନୀରିକ୍ଷକଙ୍କୁ ୮ଘଣ୍ଟା ଧରି ଅଟକ ରଖିଥିଲେ। ଖବରପାଇ ବେତନଟୀ ପୋଲିସ ଓ ବାରିପଦା ତହସିଲଦାର ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଜବତ ଟ୍ରାକ୍ଟରର କାଗଜପତ୍ର ଯାଞ୍ଚ କରିବା ପାଇଁ ବେତନଟୀ ପୋଲିସକୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ସରକାରୀ ସ୍ତରରେ ଜାମଦାପାଳ ବାଲି ସଇରାତ ନିଲାମ କରାଯାଇଛି। ଏହି ସଇରାତର ପରିବେଶ ମଞ୍ଜୁରୀ ସାର୍ଟିଫିକେଟ ମିଳି ନ ଥିବାରୁ ଲିଜଧାରୀ ବାଲି ଉତ୍ତୋଳନ କରିପାରୁ ନାହାନ୍ତି। ଫଳରେ ହାତୀକୋଟ ପଞ୍ଚାୟତ ଅଧୀନରେ ଥିବା ଗ୍ରାମ ଗୁଡ଼ିକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରିବାକୁ ଗ୍ରାମବାସୀମାନେ ଟ୍ରାକ୍ଟର ଯୋଗେ ବାଲି ନେଉଥିଲେ। ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ନେଇ ଅତିରିକ୍ତ ତହସିଲଦାର ସ୍ମୃତିରଞ୍ଜନ ଟୁଡୁ ବୁଧବାର ଭୋର ସମୟରେ ପହଞ୍ଚି ଗୋଟିଏ ଟ୍ରାକ୍ଟର ଜବତ କରିଥିଲେ। ଉକ୍ତ ଟ୍ରାକ୍ଟରରୁ ଜରିମାନା ଆଦାୟ ନିମନ୍ତେ ବୁଢୀଖମାରୀ ରାଜସ୍ୱ ନୀରିକ୍ଷକ(ଆର୍‌ଆଇ) ଲକ୍ଷ୍ମୀ ବାସ୍କେ, କୃଷ୍ଣଚନ୍ଦ୍ରପୁର ଆର୍‌ଆଇ ମଙ୍ଗଳ ମାହାଲି ଓ ବାରିପଦା-୨ ଆର୍‌ଆଇ ଅମିତ କୁମାର ନାୟକଙ୍କୁ ଡକାଇ ହସ୍ତାନ୍ତର କରିଥିଲେ। ଘଟଣାସ୍ଥଳରେ ୩ ଆର୍‌ଆଇ ପହଞ୍ଚି ଟ୍ରାକ୍ଟର ଉପରେ ୫୦ହଜାର ଟଙ୍କା ଜରିମାନା କରିଥିଲେ। ଏହାକୁ ନେଇ ଗ୍ରାମବାସୀ ଓ ହିତାଧିକାରୀମାନେ ପହଞ୍ଚି ଗାଡ଼ି ଜବତ ଓ ବିପୁଳ ପରିମାଣ ଜରିମାନା ଆଦାୟକୁ ବିରୋଧ କରିଥିଲେ। ଏନେଇ କଥା କଟାକଟି ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଗୃହ ନିର୍ମାଣ ପାଇଁ ବାଲିର ଆବଶ୍ୟକତା ରହିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ହିତାଧିକାରୀଙ୍କୁ ବାଲି ଯୋଗାଇବାରେ ତହସିଲଦାର ବିକ୍ରମ କୁମାର ପରିଡା ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅଟକ ଥିବା ୩ ଆର୍‌ଆଇଙ୍କୁ ଲୋକେ ଛାଡ଼ି ଦେଇଥିଲେ।



ଉତ୍ୟକ୍ତ ଲୋକେ ଆର୍‌ଆଇଙ୍କୁ ଅଟକ ରଖିଛନ୍ତି।

# ‘ଉତ୍ତମ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଅପରିହାର୍ଯ୍ୟ’




ସମାରୋହରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୫।୭(ରବିନାରାୟଣ ଖିଲାର)

ଭଦ୍ରକ ସହରର ସ୍ଥାନୀୟ ସ୍ୱରାଜବାର୍ତ୍ତା କାର୍ଯ୍ୟାଳୟଠାରେ ଖବରଦାତା ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର, କବିତା ପାଠୋତ୍ସବ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉଦଘାଟକ ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟ ଅତିଥିଭାବେ ସିଟି ଡିଏସପି ଅଂଶୁମାନ ଦ୍ୱିବେଦୀ, ବରେଣ୍ୟ ଅତିଥିଭାବେ ପ୍ରାକ୍ତନ ଧାମନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ନିହାର ରଞ୍ଜନ କର, ନାରୀନେତ୍ରୀ କଳ୍ପନା ଜେନା, ସମ୍ପାଦିକା ରେଣୁବାଳା ଖିଲାର ପ୍ରମୁଖ ଯୋଗଦେଇ ଗଣତନ୍ତ୍ର ସୁଦୃଢ଼ ହେଲେ ଦେଶ ସୁଦୃଢ଼ ହେବ। ସୁଦୃଢ ଗଣତନ୍ତ୍ର ପାଇଁ ସବୁବେଳେ ଗଠନ ମୂଳକ ଖବର ପ୍ରକାଶ ପାଇବା ଦରକାର ଓ ଉତ୍ତମ ସମାଜ ଗଠନ ପାଇଁ ଗଣମାଧ୍ୟମର ଭୂମିକା ନିତ୍ୟାନ୍ତ ଆବଶ୍ୟକ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ୱରାଜବାର୍ତ୍ତା ଟିଭିର କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଥିଲା। ଶିକ୍ଷକ ପ୍ରଭାକର ପରିଡ଼ା ଅତିଥି ପରିଚୟ, ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ମନୋରମା ରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ସଙ୍ଗୀତଜ୍ଞ ରାମନାରାୟଣ ମହାନ୍ତି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, କବି ଯୋଗଦେଇ କବିତା ପାଠ କରିବା ସହିତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ କବୟିତ୍ରୀ ଚଇତାଳି ଖିଲାର, କଳ୍ପନା ଜେନା, କବୟିତ୍ରୀ ଦମୟନ୍ତୀ ରାଉତ, ଚିତ୍ରଶିଳ୍ପୀ କିଟିକ୍ରିଷ୍ଣା ପଣ୍ଡା, କଣ୍ଠଶିଳ୍ପୀ ଶଶିକଳା ମିଶ୍ର ଓ ଖବରଦାତା ସଞ୍ଜୀବ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବକୁ ଆଇନଜୀବୀ ସ୍ନେହାଶିଷ ପଣ୍ଡା, ଆଇପିଓ ଶଶିଶେଖର ବେହେରା, ସାଧୁ ଚରଣ ବାରିକ, ଶ୍ରାବଣୀ କର, ସବିତା ବାରିକ, ଖବରଦାତା ଏଲିଜା ଖିଲାର, କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତ, ଅର୍ପିତା ଖିଲାର ପ୍ରମୁଖ ପରିଚାଳନା କରିଥିଲେ।

## ପଞ୍ଚାୟତ ପ୍ରତିନିଧିଙ୍କୁ ଉପେକ୍ଷା,ଆନ୍ଦୋଳନ ଚେତାବନୀ

ଖୁଣ୍ଟା,୫।୭(ଦେବ ରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ସାଇଁକୁଳା ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧିଙ୍କୁ ସରକାରୀ କର୍ମଚାରୀମାନେ ଅଣଦେଖା କରୁଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ସାଇଁକୁଳା ପଞ୍ଚାୟତ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀମାନଙ୍କ ମନମୁଖୀ କାର୍ଯ୍ୟକଳାପରେ ସରପଞ୍ଚ ରବୀନ୍ଦ୍ର ସିଂ ଓ ସମିତି ସଭ୍ୟା ବନସ୍ମିତା ସିଂ ଅସନ୍ତୋଷ ବ୍ୟକ୍ତ କରିବା ସହ ଏ ସମ୍ପର୍କରେ ଏକ ଲିଖିତ ଦାବିପତ୍ର ବିଡିଓ କରୁଣାକର ଧିନ୍ଦାଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, କୁଚକ୍ରୀ ଗୋଷ୍ଠୀଙ୍କ ପ୍ରରୋଚନାରେ ବ୍ଲକ କର୍ମଚାରୀ ପରିଚାଳିତ ହେଉଛନ୍ତି। ବର୍ତ୍ତମାନର ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ଅଣଦେଖା କରି ସେହି କୁଚକ୍ରୀ ଗୋଷ୍ଠୀକୁ ସୁହାଇବା ଭଳି ମନମୁଖୀ କାର୍ଯ୍ୟ ଚଳାଇ ଆସୁଛନ୍ତି। ଏସମ୍ପର୍କରେ ବିଭିନ୍ନ ସମୟରେ ବ୍ଲକସ୍ତରୀୟ ପଦାଧିକାରୀଙ୍କୁ ଅଗବତ କରାଯାଇଥିଲେ ମଧ୍ୟ ଏଥିପ୍ରତି ସେ କର୍ଣ୍ଣପାତ କରୁନାହାନ୍ତି। ଫଳରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାକୁ ଲାଗିଛି। ଯଥାଶୀଘ୍ର ବିଚାର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳାତ୍ମକ ପନ୍ଥା ଅବଲମ୍ବନ ବୋଲି ସରପଞ୍ଚ ଓ ସମିତି ସଭ୍ୟାମାନେ ଚେତାବନୀ ଦେଇଛନ୍ତି।

# ନିମ୍ନମାନର ଚାଉଳରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି

■ଅଡ଼ାଳମୁଣ୍ଡା ପ୍ରାଥମିକ ବିଦ୍ୟାଳୟ
■ମାନ ଯାଞ୍ଚକଲେ ଅଭିଭାବକ

କେନ୍ଦୁଝର, ୫।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅଡ଼ାଳମୁଣ୍ଡା ସାହିରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନିମ୍ନମାନର ଚାଉଳରେ ମଧ୍ୟାହ୍ନଭୋଜନ ରନ୍ଧାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଅଭିଭାବକମାନେ ମଙ୍ଗଳବାର ବିଦ୍ୟାଳୟ ଯାଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରି ବୁଝିବା ସହ ଚାଉଳର ମାନ ଯାଞ୍ଚ କରିଥିଲେ। ଚାଉଳର ମାନ ଠିକ୍ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ପ୍ରକାଶ ଯେ, ୨୦୦୯ ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ସ୍ଥାନୀୟ ମୁଣ୍ଡାସାହିର ୧ମ ରୁ ୫ମ ପର୍ଯ୍ୟନ୍ତ ୭୦ ପିଲା ପଢୁଛନ୍ତି। ୩ ଶିକ୍ଷକ ପାଠ ପଢ଼ାଉଛନ୍ତି। ସ୍କୁଲରେ ପିଲାମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଛାତ୍ରୀଛାତ୍ର ଅଭିଭାବକଙ୍କୁ କହିଥିଲେ। ମାତ୍ର ଏ ନେଇ ପ୍ରତିବାଦ କଲେ ବିଦ୍ୟାଳୟ ପରିସରରୁ ପାଣି ଦିଆଯିବ ନାହିଁ ବୋଲି ସ୍ଥାନୀୟ ଅଭିଭାବକମାନଙ୍କୁ ଭୟ ଦେଖାଉଥିବାରୁ ସେମାନେ ମୁହଁ ଖୋଲୁ ନ ଥିଲେ। ଶେଷରେ ସାହସ ଜୁଟାଇ ଚାଉଳର ମାନ ଯାଞ୍ଚ କରିଥିଲେ। ଚାଉଳ ପୋକରା ହୋଇଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ରତ୍ନବାଳା ପାତ୍ର କହିଛନ୍ତି, ଚାଉଳ ୨ କି.ମି. ଦୂରରୁ ଅଣାଯାଏ। ମଙ୍ଗଳବାର ଚାଉଳ ସରିଯିବାରୁ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରୁ ଆଣି ପିଲାଙ୍କୁ ଖାଇବାକୁ ଦିଆଯାଇଥିଲା। ଚାଉଳରେ ପୋକ ଲାଗିନାହିଁ। ଏ ନେଇ ସେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି।

## ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ଗ୍ରାମସଭା

**କେନ୍ଦୁଝର,୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ବସନ୍ତପୁର ଓ ନୟାଗଡ଼ ପଞ୍ଚାୟତର ନଇବୁଗା ଓ କଟୁପାଲି ଗ୍ରାମରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଦ୍ୱାରା ପରିଚାଳିତ ନଇବୁଗା ଆଇରନ ଏବଂ ମାଙ୍ଗାନିଜ ଖଣିର ୩୧.୫୨୮ ହେକ୍ଟର ଜଙ୍ଗଲ କିସମ ପରିବର୍ତ୍ତନ ପାଇଁ ନଇବୁଗା କଟୁପାଲି ପୂଜାମଣ୍ଡପରେ ଗ୍ରାମସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଝୁମ୍ପୁରା ବିଡିଓ ବିଚିତ୍ର କୁମାର କରଙ୍କ ଅଧ୍ୟକ୍ଷତାରେ ତହସିଲଦାର ରୋହିତ ବାଗ, ବାମେବାରୀ ଫରେଷ୍ଟର ରତ୍ନାକର ମହାନ୍ତ, ଦୁବୁନା ଫରେଷ୍ଟ ଗାର୍ଡ ରୁପଶ୍ରୀ ସାହୁ, ନୟାଗଡ଼ ସରପଞ୍ଚ ସୁରେଶ କାଣ୍ଡି, ବସନ୍ତପୁର ସରପଞ୍ଚ ଗୁରୁବା ମୁଣ୍ଡା, ପଞ୍ଚାୟତ ଉନ୍ନୟନ ଅଧିକାରୀ ଶୁଭଶ୍ରୀ କର, ଝୁମ୍ପୁରା ତହସିଲ ସୁପରଭାଇଜର ସୁଶିଲ ମହାନ୍ତ, ମଳଦା ରାଜସ୍ୱ ନୀରିକ୍ଷକ ଜ୍ଞାନରଞ୍ଜନ ପାତ୍ର, ନୟାଗଡ଼ ଏବଂ ବସନ୍ତପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ନଇବୁଗା ଏବଂ କଟୁପାଲି ଗ୍ରାମର ଶତାଧିକ ଗ୍ରାମବାସୀ ଜଙ୍ଗଲ ଜମିକୁ ଅଣ ଜଙ୍ଗଲରେ କିସମ ପରିବର୍ତ୍ତନ ପାଇଁ ସହମତି ଜଣାଇଥିଲେ।

# ମିଶନ ଶକ୍ତି କାଫେ ଗୃହ ଉଦ୍‌ଘାଟିତ

ପାଟଣା,୫।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ପରିସରରେ ବୁଧବାର ଅସ୍ଥାୟୀ ମିଶନ ଶକ୍ତି କାଫେ ଗୃହ ଉଦ୍‌ଘାଟନ ହୋଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗଦେଇ କାଫେକୁ ଉଦ୍‌ଘାଟନ କରିଛନ୍ତି। ବିଡ଼ିଓ ବିଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକ୍ ଅଧ୍ୟକ୍ଷା ରୀନା ନାୟକ, ଉପାଧ୍ୟକ୍ଷା ଛବିରାଣୀ ସେଠୀ, ଜିଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ଚମ୍ପାବତୀ ଟୁଡୁ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷା କିରଣ ବାଳା ସିଂ, ସାହାରପଡ଼ା ବ୍ଲକ୍ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତପନ ପଲେଇ, ଏପିଓ ମୋନାଲିସା ସାମଲ, ଯୋଗାଣ ଅଧିକାରୀ ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ୩୩ ଲକ୍ଷ ଟଙ୍କା ବ୍ୟୟରେ କାଫେର ନିଜସ୍ୱ ଗୃହ ନିର୍ମାଣ ହେବ ବୋଲି ମୁଖ୍ୟ ଅତିଥି କହିଥିଲେ। କାଫେରେ ସମସ୍ତ ପ୍ରକାର ମିଲେଟ ପ୍ରସ୍ତୁତ ଖାଦ୍ୟ ସହ ଜଳଖିଆ, ଆମିଷ ଓ ନିରାମିଷ ଉତ୍ତମ ମାନର ଭୋଜନ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ ବୋଲି ଓଏଲଏମ ପ୍ରୋଗ୍ରାମ ଅଫିସର ସୁସ୍ମିତା ସାହୁ କହିଛନ୍ତି।




ପାଟଣା ବିଧାୟକ ଜଗନ୍ନାଥ ନାୟକ ଓ ମିଶନ ଶକ୍ତି ମହିଳାମାନେ।

# ରୋଗୀଙ୍କୁ ୧ କି.ମି. ଷ୍ଟ୍ରେଚରରେ ବୋହିଲେ

## ଆମ୍ବୁଲାନ୍ସ କର୍ମଚାରୀଙ୍କ ବଦାନ୍ୟତା

ବାଲେଶ୍ୱର(ମାନସ ବିଶ୍ୱାଳ)/ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ), ୫।୭

ଗାଁଗଣ୍ଡାରେ ଶୋଚନୀୟ ରାସ୍ତା ଅବସ୍ଥା ଯୋଗୁ ରୋଗୀଙ୍କ ପାଖରେ ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚିପାରୁନାହିଁ। ଅନେକ ସମୟରେ ରୋଗୀମାନେ ଚିକିତ୍ସା ସେବା ନ ପାଇ ମୃତ୍ୟୁମୁଖରେ ପଡୁଛନ୍ତି। ହେଲେ ଆମ୍ବୁଲାନ୍ସ କର୍ମଚାରୀଙ୍କ ବଦାନ୍ୟତା ଯୋଗୁ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଈଶ୍ୱରପୁର ଗ୍ରାମର ଜଣେ ଗୁରୁତର କ୍ୟାନ୍ସର ରୋଗୀଙ୍କୁ ଡାକ୍ତରଖାନାରେ ପହଞ୍ଚାଯାଇ ପାରିଛି। କର୍ମଚାରୀଙ୍କ ଏଭଳି କାର୍ଯ୍ୟ ଲାଗି ସାଧାରଣରେ ପ୍ରଶଂସା କରାଯାଇଛି।

ଈଶ୍ୱରପୁର ଗ୍ରାମର ବରେନ୍ଦ୍ର ବେହେରା ନାମକ ବ୍ୟକ୍ତି କ୍ୟାନ୍ସର ରୋଗରେ ପୀଡ଼ିତ ଥିଲେ। ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା କାରଣରୁ ପରିବାର ଲୋକେ ନିକଟସ୍ଥ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ଖବର ପାଇବା ପରେ ନିକଟସ୍ଥ ଡାକ୍ତରଖାନାରୁ ତୁରନ୍ତ ଏକ ୧୦୮ ଆମ୍ବୁଲାନ୍ସ ଈଶ୍ୱରପୁର ଗ୍ରାମ ଅଭିମୁଖେ ବାହାରିଥିଲା। ମାତ୍ର ଗାଁ ଭିତରକୁ ଯାଉଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ଆମ୍ବୁଲାନ୍ସଟି ଗାଁ ଠାରୁ ପ୍ରାୟ ୧ କି.ମି. ଦୂରରେ ଅଟକି ରହିଥିଲା। ପରେ ଆମ୍ବୁଲାନ୍ସର ଇଏମ୍‌ଟି ବିଜୟୀ କିସନ ସେଣ୍ଠ, ଡ୍ରାଇଭର ଗୟାଧର ଦାସ ଏବଂ ଆଟେଣ୍ଡାଣ୍ଟ ପ୍ରଶାନ୍ତ କୁମାର ବେହେରା ଏକ ଷ୍ଟ୍ରେଚର ଧରି ଯାଇ ରୋଗୀଙ୍କ ନିକଟରେ ପହଞ୍ଚିଥିଲେ। ସେମାନେ ପରିବାର ଲୋକଙ୍କ ସହାୟତାରେ ରୋଗୀଙ୍କୁ ଷ୍ଟ୍ରେଚରରେ ୧ କି.ମି. ରାସ୍ତା ଚାଲି ଚାଲି ଆଣି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ପରେ ସେଠାରୁ ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଅଣାଯାଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।



ଷ୍ଟ୍ରେଚର ଯୋଗେ ରୋଗୀଙ୍କୁ ଅଣାଯାଉଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ସୁକନ୍ୟା




@ପ୍ରକାଶ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଖଇରାରୁ ୨ଜଣଙ୍କୁ ଜୁଏଲ ଅଫ୍ ଓଡିଶା ସମ୍ମାନ




ଇଂ. ରାଜେଶ ମହାକୁଡଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୫।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ବିଶିଷ୍ଟ ଯୁବ ଉଦ୍ୟୋଗପତି ଇଂ .ରାଜେଶ ମହାକୁଡ ଓ ସାମାଜିକ କର୍ମୀ ରାଜୀବ ଲୋଚନ ମହାପାତ୍ରଙ୍କୁ ଜୁଏଲ ଅଫ ଓଡିଶା ସମ୍ମାନ ପ୍ରଦାନ କରାଯାଇଛି । ରବିବାର ଭୁବନେଶ୍ୱରଠାରେ କ୍ରିୟା ଫାଉଣ୍ଡେଶନ ଆନୁକୂଲ୍ୟରେ ଏକ ହୋଟେଲରେ ଆୟୋଜିତ ବର୍ଣ୍ଣାଢ୍ୟ ସମାରୋହରେ ଉଭୟଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରିବା ଅବସରରେ ବଲିଉଡ କଳାକାର ଅଫତାବ ସିବଦଶନୀଙ୍କଠାରୁ ମାନପତ୍ର ଓ ଫଳକ ଗ୍ରହଣ କରିଛନ୍ତି । ଇଂ. ମହାକୁଡ ଖଇରାରେ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠାନ ଗଢି ବହୁ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରି ପରିଚିତ ହୋଇସାରିଛନ୍ତି। ସେହିଭଳି ମହାପାତ୍ର ଜନସେବକ ଯୁବକ ସଂଘରେ ଜଣେ ସ୍ୱେଚ୍ଛାସେବୀ ଭାବେ ନିଜର ମଣିଷପଣିଆ ପ୍ରତିପାଦିତ କରିଛନ୍ତି।

# ୬ ଅଭିଯୁକ୍ତ ଗିରଫ, ଜଣେ ଫେରାର



ଗିରଫ ୬ ଅଭିଯୁକ୍ତ।

## ଡକାୟତ ଗ୍ୟାଙ୍ଗକୁ କାବୁ କଲା ପୋଲିସ

### ମାରଣାସ୍ତ୍ର ସହ କାର୍, ବାଇକ, ମୋବାଇଲ ଜବତ

ବସ୍ତା (ହରିଶଙ୍କର ପାଢୀ)/ରୂପସା(ବାଞ୍ଛାନିଧି ଦେ)/ ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ), ୫।୭

ବାଲେଶ୍ୱର ଜିଲା ଅନ୍ତର୍ଗତ ସିଂଲା ଥାନା ପୋଲିସ ଏକ ଡକାୟତି ଗ୍ୟାଙ୍ଗକୁ କାବୁ କରିବାରେ ସଫଳ ହୋଇଛି। ପାଉଁଶକୁଲି ଗ୍ରାମର ଫୁଟବଲ ପଡ଼ିଆ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ୭ ଜଣ ଯୁବକ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଗିରଫ ଅଭିଯୁକ୍ତମାନେ ଥାନା ଅଧୀନ ଦେଭୋଗ ଗ୍ରାମର ୨ ଜଣ ଯୁବକ, କରୁଆ ଗ୍ରାମର ୨ ଜଣ, ପାଉଁଶକୁଲି ଗ୍ରାମର ଜଣେ ଓ ମାଣିକପୁରା ଗ୍ରାମର ଜଣେ ଯୁବକ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି ଓ ସିଂଲା ଥାନା ଆଇଆଇସି ଶିବପ୍ରସାଦ ଭଦ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବୁଧବାର ସିଂଲା ଥାନା ପୋଲିସ ଏକ ମାମଲା (ନଂ. ୧୧୫/୨୩) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ଗୋଟିଏ ତେଲେଙ୍ଗା କଟୁରୀ, ଟାଙ୍ଗିଆ, ଭୁଜାଲି, ଦୁଇଟି ସ୍କ୍ରୁ ଡ୍ରାଇଭର, ଛୁରୀ, ଲୁହା ରଡ଼, ୫ଟି ମୋବାଇଲ, ହୁଣ୍ଡାଇ କାର (ନଂ. ଓଡ଼ି୦୪ଏମ୍ ୨୮୦୯), ବୁଲେଟ (ନଂ. ଓଡ଼ି୦୧କ୍ୟୁ-୯୧୯୧) ଓ ବାଇକ (ନଂ ଓଡ଼ି୦୧ଏକେ-୨୫୭୬) କୁ ଜବତ କରି ତଦନ୍ତ ଜାରି ରଖିଛି। ମଙ୍ଗଳବାର ରାତିରେ ଥାନା ଏସ୍‌ଆଇ କୈଳାସ ଚନ୍ଦ୍ର ମହାଳିକ ପାଟ୍ରୋଲିଂ କରୁଥିବା ବେଳେ ଡକାୟତି ଯୋଜନା ଖବର ପାଇ ଚଢ଼ାଉ କରିଥିଲେ। ଅଭିଯୁକ୍ତମାନେ ରାଜପଥ ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଡକାୟତି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

